## ସଂକ୍ଷେପରେ



### ମୋବାଇଲ ଦୋକାନରୁ ଚୋରି

**ଗୁଣପୁର,୮।୧୨(ଡି.ଏନ.ଏ):** ରାୟଗଡାରେ ସୁନା ଚେନ ଲୁଟେରା ଆତଙ୍କ ସୃଷ୍ଟି କରିଥିବା ବେଳେ ଗୁଣପୁରରେ ଏକ ଚୋର ଦଳ ସକ୍ରିୟ ହୋଇ ଉଠିଛନ୍ତି । ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡ ଅଞ୍ଚଳରେ ଥିବା ଏକ ମୋବାଇଲ ଦୋକାନରୁ ଶନିବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି । ପୁରୁଣା ବସଷ୍ଟାଣ୍ଡ ଅଞ୍ଚଳର ଜି.ଶ୍ରୀନୁଙ୍କ କବାଟ ଭାଙ୍ଗି ଦୁର୍ବୃତ୍ତମାନେ ୮ଟି ନୂଆ ମୋବାଇଲ , ମରାମତି ପାଇଁ ଥିବା ୨ଟି ମୋବାଇଲ ,୧୦ଟି ମେମୋରୀ କାର୍ଡ ସହ ନଗଦ ୭ ହଜାର ଟଙ୍କା ଚୋରି ହୋଇଥିବା ଶ୍ରୀନୁ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଁଞ୍ଚି ତଦନ୍ତ ଆରମ୍ଭ କରିଛି । ଶନିବାର ରାତିରେ ଶ୍ରୀନୁ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ରବିବାର ସକାଳେ ଦୋକାନ କବାଟ ଭଙ୍ଗା ଯାଇ ମୋବାଇଲ ଏବଂ ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ । ସହରରେ ରାତିରେ ପୋଲିସର ପାଟ୍ରୋଲିଂ ବ୍ୟବସ୍ଥା ଚାଲୁ ରହିଛି । ହେଲେ ସହର ମଧ୍ୟସ୍ଥଳରେ ଥିବା ଏକ ଦୋକନରୁ ଚୋରି ହେବା ପୋଲିସର ପାଟ୍ରୋଲିଂ ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ।

### ଆବାସ ଯୋଜନାରେ ଅନିୟମିତତା ଅଭିଯୋଗ



**ମୁନିଗୁଡା,୮।୧୨ (ଡି.ଏନ୍.ଏ.):** ରାୟଗଡ଼ା ଜିଲାର ମୁନିଗୁଡା ବ୍ଲକ ଅନ୍ତର୍ଗତ ଆଦର୍ଶ ଗ୍ରାମ ପଞ୍ଚାୟତ ଶିବପଦରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ୨୦୧୭-୧୮ ଆର୍ଥିକ ବର୍ଷରେ ଜଗଦଲପୁର ଗ୍ରାମର ପଲ୍‌ସା ଭାଗ୍ୟଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ତିନୋଟି କିସ୍ତିରେ ଏକ ଲକ୍ଷ ଦିଆଯାଇଥିଲା । ସେହିପରି ଉକ୍ତ ଘରକୁ ଗ୍ରାମର ଛାୟାମା ମାମିଡୀଙ୍କ ନାମରେ ଅନୁରୂପ ଭାବେ ଦର୍ଶାଯାଇ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ପଞ୍ଚାୟତର ଗ୍ରାମ ରୋଜଗାର ସେବକ ତଥା ଜିଓ ଟ୍ୟାଗ୍ ଦାୟିତ୍ୱରେ ଥିବା କର୍ମଚାରୀ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଜ୍ଞାତସାରରେ ଏପରି ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ଏଥିପ୍ରତି ପଦକ୍ଷେପ ନିଆଯିବା ସହ ଏପରି ଆହୁରି ଅନେକ ଦୁର୍ନୀତିର ତଦନ୍ତ କରାଯାଉ ବୋଲି ଜିଲା ପରିଷଦ ସଦସ୍ୟ ରାମଚନ୍ଦ୍ର ବେହେରା ଦାବି କରିଛନ୍ତି। ରାଜ୍ୟ ସରକାରଙ୍କ ୫ଟି କାର୍ଯ୍ୟକ୍ରମ ଏକ ପ୍ରହସନ ବୋଲି ସମାଲୋଚନା କରି ବ୍ଲକରେ ଚାଲିଥିବା ଉନ୍ନୟନ ଯୋଜନାଗୁଡିକୁ ତଦନ୍ତ ପରିସରଭୁକ୍ତ କରାଯିବାକୁ ମତ ଦେଇଛନ୍ତି। ଏନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ବେହେରାଙ୍କୁ ପଚାରିବାରୁ, ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

### ବନ୍ଧୁକ ଦେଖାଇ ଦମ୍ପତିଙ୍କଠାରୁ ଲୁଟ୍

**ପାତ୍ରପୁର,୮।୧୨ (ଡି.ଏନ୍.ଏ.):** ଜରଡ଼ା ଥାନା ପାତ୍ରପୁର ବ୍ଲକ କେଲୁଆ-ପଦାଦିଗି କେନାଲ ରାସ୍ତାରେ ବନ୍ଧୁକ ଦେଖାଇ ଦମ୍ପତ୍ତିଙ୍କ ଠାରୁ ପ୍ରାୟ ୩ଭରି ଓଜନର ୨ଟି ସୁନା ଚେନ୍ ରବିବାର ମଧ୍ୟାହ୍ନରେ ଦୁଇ ଜଣ ଲୁଟେରା ବନ୍ଧୁକ ଦେଖାଇ ଲୁଟି ନେଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ୟା. ଡ଼ିଲେଶ୍ୱରୀ ଓ ତାଙ୍କ ସ୍ୱାମୀ ପାତ୍ରପୁରରୁ ବଜାର ସଉଦା କରି ବାଇକ୍‌ରେ ଫେରୁଥିଲେ। ପଦାଦିଗି ଗ୍ରାମ ନିକଟ କେନାଲ ରାସ୍ତାରେ ୨ଜଣ ଦୁର୍ବୃତ୍ତ ଦମ୍ପତିଙ୍କୁ ଅଟକାଇ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ପରେ ୨ଟି ସୁନା ଚେନ୍ ଲୁଟିନେଇ ବାଇକ ଯୋଗେ ବ୍ରହ୍ମପୁର ଅଭିମୁଖେ ଫେରାର୍ ହୋଇଯାଇଥିଲେ। ଏନେଇ ଜରଡା ଥାନାରେ ଅଭିଯୋଗ ହୋଇଛି। ନଂ.୨୨୦/୧୯ରେ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି।

## ପିଡି ଡିଆରଡିଏଙ୍କ ଚନ୍ଦ୍ରପୁର ଗସ୍ତ

# ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା ସମସ୍ୟା ପଚାରି ବୁଝିଲେ

**ଚନ୍ଦ୍ରପୁର, ୮।୧୨ (ଡି.ଏନ୍.ଏ.)**



ପିଡି ଡିଆର୍‌ଡିଏ ଅମ୍ରିତ ରତୁରାଜ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି ।

ରାୟଗଡ଼ା ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ରତୁରାଜ ରବିବାର ଅଚାନକ ଚନ୍ଦ୍ରପୁର ବ୍ଲକ ଗସ୍ତ କରିଛନ୍ତି । ପ୍ରଥମେ ସେ ଡାଙ୍ଗସୋରଡା ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ପଞ୍ଚାୟତ ପରିସରରେ ହେଉଥିବା ସାପ୍ତାହିକ ହାଟ ବୁଲି ଦେଖିଥିଲେ । ସ୍ଥାନୀୟ ଅଞ୍ଚଳରୁ ଆସିଥିବା ପନିପରିବା ସମ୍ପର୍କରେ ଲୋକଙ୍କଠାରୁ ପଚାରି ବୁଝିଥିଲେ । ପଞ୍ଚାୟତ ଦ୍ୱାରା ନିର୍ମାଣାଧୀନ ହାଟ ସେଡ୍ ଗୃହ ସହ ପଞ୍ଚାୟତ ଗ୍ରାମ ସେବକ ରହିବା ପାଇଁ ନୂତନ ଗୃହର ଫାଉଣ୍ଡେଶନ୍ କାମ ଦେଖିଥିଲେ। ଡାଙ୍ଗସୋରଡା ପଞ୍ଚାୟତର କେରେଞ୍ଜା, ଯୋଡିଙ୍ଗି, ନାଉଡୁଗୁଡା, ପାଦିଗାରଗା ପ୍ରଭୃତି ଗ୍ରାମକୁ ଯାଇ ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ଜଙ୍ଗଲ ଜମି ପଟ୍ଟା, ରାସ୍ତାଘାଟ ସମସ୍ୟା ନେଇ ପଚାରି ବୁଝିଥିଲେ। ଏଥିସହ କେରେଞ୍ଜା ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ରକୁ ଯାଇ ସମସ୍ୟା ଜାଣିବା ସହ ଗ୍ରାମର କିଛି ଛାତ୍ରୀଙ୍କୁ ଡାକି ପାଠପଢ଼ା ହେଉଛି କି ନାହିଁ, ବିଦ୍ୟାଳୟରେ ବିଦ୍ୟୁତ୍, ପଙ୍ଖା ଚାଲୁଛି କି ନାହିଁ, ଶିକ୍ଷକମାନେ ଠିକ୍ ସମୟରେ ଆସୁଛନ୍ତି କି ନାହିଁ ପଚାରିଥିଲେ। ପରେ ଓଡ଼ିଶା ଜୀବିକା ମିଶନ ତରଫରୁ ଶୀତଦିନିଆ ଚାଷ ପନିପରିବା ତଥା ପୁଷ୍ଟି ବଗିଚା ବୁଲି ଦେଖିଥିଲେ। ଏଥିସହ ବ୍ଲକ ତରଫରୁ ନିର୍ମାଣାଧୀନ ନୂତନ ଅଙ୍ଗନୱାଡି ଗୃହ କାର୍ଯ୍ୟ ତଦାରଖ କରିଥିଲେ। ଯୋଡିଙ୍ଗି ଗ୍ରାମକୁ ଯାଇ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଥିବା ଜଙ୍ଗଲ ଜମିପଟ୍ଟା, ତହସିଲ ପଟା ମିଳିଛି କି ନାହିଁ ଗ୍ରାମର ମହିଳାମାନଙ୍କୁ ପଚାରିଥିଲେ। ରବିବାର ଛୁଟିଦିନରେ ଜଣେ ପ୍ରଶାସନିକ ଅଧିକାରୀ ଦୁର୍ଗମ ଅଞ୍ଚଳ ଗସ୍ତ କରିଥିବାରୁ ଅଞ୍ଚଳବାସୀଙ୍କ ମନରେ ଉତ୍ସାହ ସୃଷ୍ଟି ହୋଇଛି ବୋଲି ସରପଞ୍ଚ ଧାନୁ ମାଝି କୁମୁରୁକା ପ୍ରକାଶ କରିଛନ୍ତି। ସେ ହନୁମନ୍ତପୁର, ବୁଡ଼ିଖିଲି, ଚନ୍ଦ୍ରପୁର ପଞ୍ଚାୟତର ବିଭିନ୍ନ ଦୁର୍ଗମ ଅଞ୍ଚଳକୁ ଯାଇଥିଲେ। ଏହି ଗସ୍ତ ସମୟରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରଶ୍ମିକାନ୍ତ ପରିଡା, ପ୍ରଭାକର ଲେଙ୍କା, ଚନ୍ଦ୍ରପୁର ବିଡ଼ିଓ ଜର୍ଜ ଡୁଙ୍ଗଡୁଙ୍ଗ୍, ଏପିଓ ବିଜୟ କୁମାର ପାଣି, ସାମାଜିକ ସଙ୍ଗଠକ ଦୟା ଶବର, ଜିପିଇଓ ଭାସ୍କର ନିମାଲ, ସରପଞ୍ଚ ଧାନୁ ମାଝି, କୁମୁରୁକା କନିଷ୍ଠ ଯନ୍ତ୍ରୀ ସୁନାରାମ ହାଁସଦା, ଆଲୋକ କୁମାର ସିଂ, ଶୁକ୍ରୁ ଦାସ, ସହକାରୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଭଗବତ୍ ଗୀତା ପ୍ରତିଯୋଗିତା

**ଗୁଣପୁର,୮।୧୨(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରଠାରେ ରବିବାର ଗୀତା ଜୟନ୍ତୀ ପାଳନ ଅବସରରେ ଭଗବତ୍ ଗୀତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିବେକାନନ୍ଦ କନ୍ୟା କୁମାରୀ ଗୁଣପୁର ଶାଖା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହରର ବିଭିନ୍ନ ସ୍କୁଲର ପିଲାମାନେ ଭାଗ ନେଇ ଭାଗବତ ଗୀତାର ପଞ୍ଚଦଶ ଅଧ୍ୟାୟ ପାଠ କରିଥିଲେ। ପ୍ରଥମ ଶ୍ରେଣୀରୁ ପଞ୍ଚମ କନିଷ୍ଠ ବର୍ଗ ଏବଂ ଷଷ୍ଠ ଶ୍ରେଣୀରୁ ୧୦ମ ଶ୍ରେଣୀ ବରିଷ୍ଠ ବର୍ଗରେ ମୋଟ ୬୫ ଜଣ ଭାଗ ନେଇଥିଲେ । କନିଷ୍ଠ ବର୍ଗରେ ସତ୍ୟଭାମା ବେହେରା, କୃଷ୍ଣଚନ୍ଦ୍ର ପାଢୀ ଓ ଡ଼. ବିଜୟ କୁମାର ଗୟା ଓ ବରିଷ୍ଠ ବର୍ଗରେ ନଳିନୀ ମହାନ୍ତି, ଶ୍ରୀକାନ୍ତ ଶତପଥୀ ଏବଂ ନିଗମାନନ୍ଦ ପାଣିଗ୍ରାହୀ ବିଚାରକ ଭାବେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ନିଳାଦ୍ରି ବିହାରି ତ୍ରିପାଠୀ, କୃଷ୍ଣଚନ୍ଦ୍ର ପାଠୀ ଏବଂ ନଳିନୀ ମହାନ୍ତି ଯୋଗଦେଇ ଗୀତାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ପ୍ରତିଯୋଗିତାର କନିଷ୍ଠ ବର୍ଗରେ ଜଗନ୍ନାଥ ପବ୍ଲିକ ସ୍କୁଲର ପଦ୍ମାବତୀ ଦାସ ପ୍ରଥମ, ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ସ୍ମୃତିରେଖା ପାଢୀ ୨ୟ ଏବଂ ଗାନ୍ଧୀ ପବ୍ଲିକ ସ୍କୁଲର ଗୋବିନ୍ଦ ପାଢୀ ୩ୟ ସ୍ଥାନ ଗ୍ରହଣ କରିଛନ୍ତି । ସେହିପରି ବରିଷ୍ଠ ବର୍ଗରେ ବିକ୍ରମପୁର ଉଚ୍ଚ ବିଦ୍ୟାଳୟର ଦୟାନନ୍ଦ ଶବର ପ୍ରଥମ ହୋଇଥିବାବେଳେ ଶ୍ରୀକାନ୍ତ ଶବର ୨ୟ ହୋଇଥିଲେ । ଜଗନ୍ନାଥ ପବ୍ଲିକ ସ୍କୁଲର କେ.ଭିନିସା ଏବଂ ପି.ସାତ୍ୱିକା ପୁରସ୍କୃତ ହୋଇଥିଲେ । ଜଗନ୍ନାଥ ପଟ୍ଟନାୟକ, କେ.ପ୍ରବୀଣରାଜୁ, ରାଜେଶ ପୃଷ୍ଟି ,ସଦାନନ୍ଦ ପଣ୍ଡା, ରୋହିଣୀ ଶବର, ଚିନ୍ମୟୀ ସେନାପତି, ବି.ଅଞ୍ଜଳି ରାଣୀରାଓ, ବିନ୍ଦୁକୁମାରୀ ନାଲ୍ଲା, ଭାରତୀ ଖୁସୁଖା , ଗଣେଶ ଶବର , ପ୍ରିୟବ୍ରତ ପାତ୍ର ଏବଂ ପ୍ରତିଭା କୁମାରୀ ରଥ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

## ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ

# ବିଶାଖାପାଟଣା ଦଳ ବିଜୟୀ

**ରାୟଗଡ଼ା ଅଫିସ, ୮।୧୨**

ରାୟଗଡ଼ା ଆଦିବାସୀ କ୍ରିକେଟ ଆସୋସିଏଶନ ଦ୍ୱାରା ରେଲୱେ ପଡ଼ିଆଠାରେ ରବିବାର ଜାତୀୟସ୍ତରୀୟ ଟ୍ୟୁସ ବଲ ନକ୍‌ଆଉଟ ଟି ୨୦ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ପ୍ରମୋଦ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ରାୟଗଡ଼ା ଏସ୍‌ପି ଶ୍ରବଣ ବିବେକ ଏମ, ବ୍ଲକ ଚେୟାରମ୍ୟାନ ପେଦେଣ୍ଡି ରାମୁଲୁ, ରାୟଗଡ଼ା ଜିଲା ପରିଷଦ ସଦସ୍ୟ ପି. ଗୌରୀଶଙ୍କର ଏବଂ ରାୟଗଡ଼ା ଆଦିବାସୀ କ୍ରିକେଟ ଆସୋସିଏଶନ କମିଟି ଚେୟାରମ୍ୟାନ ଆର. କାଶୀ ନାଇଡୁ , ସଭାପତି ଆପଲ ସ୍ୱାମୀ କାଡ୍ରାକା, ସମ୍ପାଦକ ଚକ୍ରଧର ବିଡ଼ିକା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ବିଶାଖାପାଟଣା ଦଳ ଟସ୍ ଜିତି ବ୍ୟାଟିଂ କରି ୧୫୦ ରନ କରିଥିଲା । ପରେ ଏହାର ଜବାବରେ ସମ୍ବଲପୁର ଦଳ ୧୨୫ ରନ କରି ହାରି ଯାଇଥିଲା । ଏଥିରେ ବିଶାଖାପାଟଣା ଦଳ ବିଜୟୀ ହୋଇଥିଲା । ଏହି ଟୁର୍ନାମେଣ୍ଟରେ ବିଭିନ୍ନ ରାଜ୍ୟର ପ୍ରାୟ ୧୪ ଟି ଦଳ ଅଂଶ ଗ୍ରହଣ କରିବେ । ଏହି ଟୁର୍ନାମେଣ୍ଟ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଶେଷରେ ୨ ଗ୍ରୁପ ଚୟନ କରାଯାଇ ପ୍ରଥମ ସ୍ଥାନ ଅଧିକାର କରିଥିବା ଗ୍ରୁପକୁ ୫୦୦୦୦ ଟଙ୍କା ସହ ଟ୍ରଫି ଓ ୨ୟ ସ୍ଥାନ ଅଧିକାର କରିଥିବା ଗ୍ରୁପ କୁ ୩୦୦୦୦ ଓ ଟ୍ରଫି ପ୍ରଦାନ କରାଯିବ ।



ଅତିଥିଙ୍କ ଗ୍ରହଣରେ ଖେଳାଳିମାନେ ।

## ନାବାଳିକାଙ୍କୁ ଅପହରଣ, ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**ଟିକିରି/ରାୟଗଡ଼ା ଅଫିସ, ୮।୧୨(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଦୋରାଗୁଡ଼ା ଥାନା ଅନ୍ତର୍ଗତ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ସେ ହେଲେ ଡ଼ଙ୍ଗାସିଲି ଗ୍ରାମର ଅନିଲ ନାଏକ(୨୦) । ଦୁଇ ଦିନ ତଳେ ଅନିଲ ଉକ୍ତ ନାବାଳିକାଙ୍କୁ ନେଇ ଫେରାର ହୋଇଯାଇଥିଲେ । ନାବାଳିକାଙ୍କ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ । ପରେ ଏନେଇ ଡ଼ଙ୍ଗାସିଲ ଫାଣ୍ଡିରେ ଏତଲା ଦେଇଥିଲେ । ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଅନିଲଙ୍କୁ ଗିରଫ କରିଛି । ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିବା ଜଣାଯାଇଛି । ଏହି ଘଟଣାରେ ପୋଲିସ ଏକ ମାମଲା(୯୬/୧୯) ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ କୃଷ୍ଣଚନ୍ଦ୍ର ଭତ୍ରା ପ୍ରକାଶ କରିଛନ୍ତି । ରବିବାର ନାବାଳିକାଙ୍କୁ ଡ଼ାକ୍ତରୀମାଇନା ପାଇଁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ଏହି ସମୟରେ ମେଡ଼ିକାଲର କାର୍ଯ୍ୟ ଅନୁଧ୍ୟାନ କରିବାକୁ ଯାଇଥିବା ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କୁ ଭେଟି ନାବାଳିକା ଜଣକ ଘଟଣା ସମ୍ପର୍କରେ ଜଣାଇଥିଲେ । ଏହାପରେ ଜିଲାପାଳ ତାଙ୍କୁ ୧୦୦୦ ଟଙ୍କା ସହାୟତା ପ୍ରଦାନ କରିଥିଲେ ।

# ସଙ୍କୁଳସ୍ତରୀୟ ଖେଳକୁଦ ସମାରୋହ



ଦୌଡ଼ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରମାନେ ।

**ଜେକେପୁର, ୮।୧୨**

ଜେକେପୁରର ଶ୍ରୀଗୁରୁଜୀ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିକ୍ଷାବର୍ଷ-୨୦୧୯-୨୦ର ସଙ୍କୁଳ ସ୍ତରୀୟ ଖେଳକୁଦ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାୟଗଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମୁଲୁ ପେଦେଣ୍ଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ସଦସ୍ୟ ପି. ଗୌରୀ ଶଙ୍କର, କୋରାପୁଟ ବିଭାଗ ପ୍ରମୁଖ ଆନନ୍ଦ ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପରିଚାଳନା ସମିତି ସଭାପତି କୃଷ୍ଣଚନ୍ଦ୍ର ସୁମନ୍ତ, ପ୍ରକାଶ କୁମାର ବାରିକ , ସଂକୁଳ ପ୍ରମୁଖ ଚନ୍ଦ୍ରଶେଖର ନାୟକ, ସଙ୍କୁଳ ସଂଯୋଜକ ପ୍ରଫୁଲ୍ଲ ଚରଣ ସ୍ୱାଇଁ, ପ୍ରଧାନାଚାର୍ଯ୍ୟ ରମେଶ ଚନ୍ଦ୍ର ଗୌଡ଼, ରଘୁନାଥ ବେହେରା, ଭଗବାନ ବେହେରା, ସତ୍ୟ ନାରାୟଣ ସାହୁ ଉପସ୍ଥିତ ଥିଲେ । ଅନୁଷ୍ଠାନ ପ୍ରଧାନାଚାର୍ଯ୍ୟ ସତ୍ୟନାରାୟଣ ସେଠୀ ଅତିଥିମାନଙ୍କ ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ସ୍ଥାନୀୟ ଦୁର୍ଗା ମନ୍ଦିରରୁ ମଶାଲ ଆଣି ସଙ୍କୁଳସ୍ତରୀୟ ଖେଳକୁଦ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଇଥିଲା । ସଂକୁଳ କ୍ରୀଡା ପ୍ରମୁଖ ସରୋଜ କୁମାର ପାଣିଗ୍ରାହୀ ଶପଥପାଠ କରାଇଥିଲେ । ସମସ୍ତ ଖେଳ କୁମୁଟିପେଣ୍ଟସ୍ଥିତ ଉଗ୍ରତାରା ଉଚ୍ଚ ବିଦ୍ୟାଳୟର ଖେଳ ପଡିଆରେ ଆୟୋଜିତ ହୋଇଥିଲା । ଏଥିରେ ଜେକେପୁର, କାଶୀପୁର, ଟିକିରି, ସିକରପାଇ ଏହିଭଳି ଭାବେ ମୋଟ ୬ଟି ଶିଶୁ ମନ୍ଦିରର ୧୨୮ ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ମୋଟ ୭୨ଟି ଖେଳ ଆୟୋଜିତ ହୋଇଥିଲା । ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଆଚାର୍ଯ୍ୟ ଶ୍ରୀକାନ୍ତ ସୁନ୍ଦର ବେହେରା ଧନ୍ୟବାଦ ଦେଇଥିଲେ ।

## ଦ୍ୱାରଶୁଣି ଘାଟିରେ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

**ବାଙ୍ଗିରିପୋଷି,୮।୧୨(ଡି.ଏନ୍.ଏ.)**

ବାଙ୍ଗିରିପୋଷି ଥାନା ଅଧୀନ ୪୯ ନଂ. ଜାତୀୟ ରାଜପଥର ଦ୍ୱାରଶୁଣି ଘାଟିରେ ଏକ ଟ୍ରକ ଦୁର୍ଘଟଣଗ୍ରସ୍ତ ହୋଇଛି। ବିପଦ ଦେଖି ଡ୍ରାଇଭର ଟ୍ରକରୁ ଡେଇଁ ପଡ଼ିବାରୁ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଯୋଡାରୁ ହଳଦିଆ ଅଭିମୁଖେ ଲୁହାପଥର ବୋଝେଇ କରି ଯାଉଥିବା ଟ୍ରକଟି ଘାଟିର ଏକ ବାଙ୍କ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପୋଲିସ ପହଞ୍ଚି କ୍ରେନ ସାହାଯ୍ୟରେ ଦୁର୍ଘଟଣାଗ୍ରସ୍ତ ଟ୍ରକକୁ ହଟାଇ ଥିଲା।

# ମରଣଯନ୍ତା ପାଲଟିଛି ରାୟଗଡ଼ା କେରେଡ଼ା ରାସ୍ତା

**ରାୟଗଡ଼ା ଅଫିସ,୯।୧୨**

ରାୟଗଡ଼ା ଦେଇ ଆନ୍ଧ୍ର ପ୍ରଦେଶକୁ ଲମ୍ବିଥିବା ବିଜୟୱାଡ଼ା ରାଞ୍ଚି କରିଡ଼ର ରାୟଗଡ଼ା କେରେଡ଼ା ରାସ୍ତା ମରଣଯନ୍ତା ପାଲଟିଛି । ଉକ୍ତ ରାସ୍ତାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ ସୁଧାର ଆସୁନାହିଁ । ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

୨୦୧୩-୧୪ରେ ରାୟଗଡ଼ାରୁ କେରେଡ଼ା ୨୫ କିମି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏଥିଲାଗି ୧୯ କୋଟି ୨ ଲକ୍ଷ ବ୍ୟୟ ଅଟକଳ କରାଯାଇଥିଲା। ଏହା ପରେ ମଧ୍ୟ ରାସ୍ତା ମରାମତି ନାମରେ କୋଟି କୋଟି ଟଙ୍କା ପାଣି ଭଳି ବ୍ୟୟ କରାଯାଇଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ କରାଯାଉନାହିଁ। ରାସ୍ତା ଖରାପ ଯୋଗୁ ପ୍ରତ୍ୟେକ ଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । କେବଳ ସେତିକି ନୁହେଁ ଜିଲା ମୁଖ୍ୟଚିକିତ୍ସାଳୟରୁ ଅଧିକାଂଶ ରୋଗୀଙ୍କୁ ଆନ୍ଧ୍ରକୁ ସ୍ଥାନାନ୍ତର କରାଯାଉଛି । ଏହି ବିପଦ ସଙ୍କୁଳ ରାସ୍ତା ଦେଇ ଅନେକ ଆମ୍ବୁଲାନ୍ସ ଯାତାୟତ କରୁଛି । ହେଲେ ବହୁ ରୋଗୀଙ୍କ ଡ଼ାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ମୃତ୍ୟୁ ହେଉଛି । ସେହିପରି ଏହି ରାସ୍ତା ଉପରେ ୮ ଟି ଗ୍ରାମ ପଞ୍ଚାୟାତର ଲୋକେ ନିର୍ଭର କରନ୍ତି । ରାସ୍ତା ଦୁରବସ୍ଥା ଯୋଗୁ ଆନ୍ଧ୍ରରୁ ଆସୁଥିବା ବସ ମଧ୍ୟ ବନ୍ଦ ହୋଇଯାଇଛି । ଫଳରେ ଲୋକେ ଅସୁବିଧା ଭୋଗୁଛନ୍ତି। ରାସ୍ତା ସମସ୍ୟା ନେଇ ଅଞ୍ଚଳବାସୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। କେବଳ କାମଚଳା ନୀତିରେ ରାସ୍ତା ମରାମତି କରାଯାଉଛି । ଏଥିରୁ ସ୍ପଷ୍ଟ ଅନୁମେୟ ହେଉଛି ଯେ ବିଭାଗର ଆନ୍ତରିକତା ଅଭାବ ଏବଂ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ କରାଯାଉଥିବାରୁ ଲୋକଙ୍କ ଜୀବନ ଏହି ରାସ୍ତାରେ ବନ୍ଧା ପଡ଼ିଛି ।



# ପର୍ଯ୍ୟଟନସ୍ଥଳୀର ମାନ୍ୟତା ଅପେକ୍ଷାରେ ମୀନାଖୋଲା



ମୀନାଖୋଲା ନିକଟ ନଦୀରେ ଲୋକଙ୍କ ଭିଡ଼ ।



ଶୈବପୀଠରେ ପୂଜାର୍ଚ୍ଚନା କରାଯାଉଛି ।

**ଚନ୍ଦ୍ରପୁର, ୯।୧୨ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ପଞ୍ଚାୟତରେ ରହିଛି ମୀନାଖୋଲା ଶୈବପୀଠ। ପ୍ରତିବର୍ଷ ଏଠାକୁ ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି । ଏମିତି କି ଶିବରାତ୍ରିରେ ଜିଲା ତଥା ଜିଲା ବାହାରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ପର୍ଯ୍ୟଟକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଏହି ସ୍ଥାନକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିଲେ ମଧ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ସମଗ୍ର ଅଞ୍ଚଳରେ ଜନସଧାରଣଙ୍କ ତରଫରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ହନୁମନ୍ତପୁର ପଞ୍ଚାୟତର ରାଇବିଡି ଛକଠାରୁ ୭ କି.ମି. ଏବଂ ଗୁଡାରୀ ବ୍ଲକଠାରୁ ଭାୟା ସିରିଗୁଡା ଦେଇ ୨୦ କି.ମି. ଦୂରରେ ଏହି ମୀନାଖୋଲା ଅବସ୍ଥିତ। ଚନ୍ଦ୍ରପୁର ବ୍ଲକ ସଦର ମହକୁମାଠାରୁ ୨୨ କି.ମି. ଓ ମୁନିଗୁଡା ବ୍ଲକଠାରୁ ଭାୟା ଡାଙ୍ଗସୋରଡା ଦେଇ ୪୭ କି.ମି. ଦୂରତାରେ ରହିଛି ଏହି ଶୈବପୀଠ। ବଂଶଧାରା, ଚାଉଳିଆ, ଫଳଫଳିଆ ତିନୋଟି ନଦୀର ସଂଗମରେ ୧୫୦ ମିଟର ଗର୍ତ୍ତରେ ପଥରର ଏକ ମୀନ ଆକୃତିର ମହାଦେବ ଏଠାରେ ପୂଜା ପାଉଛନ୍ତି। ଏହି ଶୈବପୀଠର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତି ମନଲୋଭା। ବର୍ଷର ଅଧିକାଂଶ ସମୟ ଲୋକେ ଏଠାକୁ ବଣ ଭୋଜି କରିବା ପାଇଁ ଆସିଥାନ୍ତି। ପଥର ମଧଭାଗରେ ଥିବା ଶିବ ଲିଙ୍ଗକୁ ପ୍ରତ୍ୟେକ ବର୍ଷ ଶିବରାତ୍ରିରେ ତିନିଦିନ ଧରି ମହା ଆଡମ୍ବରରେ ପୂଜା କରାଯାଇଥାଏ। ଏଠାରେ ପୂଜାର୍ଚ୍ଚନା କଲେ ବହୁ ମାନସିକ ପୂରଣ ହୋଇଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଯଦି କାହାର ପୁତ୍ର ସନ୍ତାନ ଜନ୍ମ ନ ହୁଏ ଉକ୍ତ ଦମ୍ପତି ଆସି ନଦୀ ପାର୍ଶ୍ୱରେ ରାତ୍ରିଯାପନ କଲେ ପୁତ୍ର ସନ୍ତାନ ଲାଭ ହୁଏ ବୋଲି ବହୁ ପୁରାତନ ଲୋକକଥାରୁ ଶୁଣିବାକୁ ମିଳେ । ଏଠାକୁ ଯିବା ପାଇଁ ବର୍ତ୍ତମାନ ଦୁଇବର୍ଷ ହେଲାଣି ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ନଦୀ ପାର୍ଶ୍ୱ ପର୍ଯ୍ୟନ୍ତ ପିଚୁ ରାସ୍ତା ନିର୍ମାଣ ହୋଇଛି। ବ୍ଲକ୍ ପ୍ରଶାସନ ତରଫରୁ ପାହାଚ ନିର୍ମାଣ କରାଯାଇଛି। ୭ ବର୍ଷ ପୂର୍ବେ ବ୍ଲକ ପ୍ରଶାସନ ତରଫରୁ ନଦୀ କୂଳକୁ ଯିବା ପାଇଁ ୭୨ଟି ପାହାଚ ସିମେଣ୍ଟରେ ନିର୍ମାଣ କରାଯାଇଥିଲା । ରକ୍ଷଣାବେକ୍ଷଣ ଅଭାବରୁ ଏହାର ଅବସ୍ଥା ଦିନକୁ ଦିନ ଖରାପ ହେବାକୁ ବସିଲାଣି। ଏହାର ମରାମତି ପାଇଁ ଚନ୍ଦ୍ରପୁର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭୀମ ଗଗେରେଙ୍ଗା ଦାବି କରିଛନ୍ତି। ଏଠାରେ ଶ୍ରଦ୍ଧାଳୁଙ୍କ ପିଇବା ପାଣି ପାଇଁ ନଳକୂପର ବ୍ୟବସ୍ଥା ନାହିଁ । ବହୁ ବର୍ଷ ପୂର୍ବରୁ ଛୋଟ ଆଶ୍ରୟସ୍ଥଳୀ ବ୍ଲକ ତରଫରୁ ନିର୍ମାଣ କରାଯାଇଥିଲେ ମଧ ତାହା ଭାଙ୍ଗି ନଷ୍ଟ ହେବାକୁ ବସିଲାଣି। ଶୀଘ୍ର ଏହାର ଉନ୍ନତୀକରଣ ଦିଗରେ ପ୍ରଶାସନ ଦୃଷ୍ଟିଦେଇ ଏହାକୁ ଜିଲାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ପାଇଁ ଚନ୍ଦ୍ରପୁର ବ୍ଲକର ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରାମନାଥ ଦୋରା କହିଛନ୍ତି।

## ସଂକ୍ଷେପରେ

### ହୃଦ୍‌ଘାତରେ ପର୍ଯ୍ୟଟକଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି,୮।୧୨(ସ୍ୱ.ପ୍ର.) : ଗଜପତି ଜିଲା ରାୟଗଡ଼ ବ୍ଲକ୍ ଅଧୀନ ଗଣ୍ଡାହାତୀ ଜଳପ୍ରପାତକୁ ପିକ୍‌ନିକ୍ ପାଇଁ ଯାଇଥିବା ଜଣେ ପର୍ଯ୍ୟଟକଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ରମାକାନ୍ତ ସାହୁ(୪୦)। କେନ୍ଦ୍ରାପଡ଼ାରୁ ପିକ୍‌ନିକ୍ ପାଇଁ ଆସିଥିବା ଦଳ ସହ ସେ ଆସିଥିଲେ। ହେଲେ ହଠାତ୍ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଫଳରେ ତାଙ୍କୁ ତୁରନ୍ତ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଗାରାବନ୍ଧ ଥାନା ନଂ. ୧୦।୧୯ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଏଏସ୍‌ଆଇ ତପନ ଦାସ ସୂଚନା ଦେଇଛନ୍ତି।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

ପାରଳାଖେମୁଣ୍ଡି,୮।୧୨(ସ୍ୱ.ପ୍ର.): ପାରଳାଖେମୁଣ୍ଡି ଥାନା ଅଧୀନ ପଦ୍ମପୁର ଛକ ନିକଟରେ ସଡ଼କ ଦୁର୍ଘଟଣାରେ ରବିବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ଯେ, ଅଭିମନ୍ୟୁ ପ୍ରଧାନ(୫୩) ନାମକ ବ୍ୟକ୍ତି ବାଇକ୍(ଓଆର୍ ୦୭ ଏନ୍-୭୪୪୮) ଯୋଗେ ଗୁମ୍ମାରୁ ପାରଳାଖେମୁଣ୍ଡି ଅଭିମୁଖେ ଯିବା ସମୟରେ ପଦ୍ମପୁର ଗ୍ରାମ ଛକ ନିକଟରେ ଏକ ଟ୍ରାକ୍ଟର ତାଙ୍କୁ ପଛପାର୍ଶ୍ୱରୁ ଧକ୍କା ଦେଇଥିଲା। ଏଥିରେ ବାଇକ୍ ଚାଳକ ଗୁରୁତର ହୋଇଥିଲେ। ତାଙ୍କୁ ତୁରନ୍ତ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଅଭିମନ୍ୟୁଙ୍କ ଘର ଗୋଷାଣୀ ବ୍ଲକ୍ ଅଧୀନ ଯାଜପୁର ଗ୍ରାମର ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ପାରଳାଖେମୁଣ୍ଡି ଥାନା ନଂ. ୨୪୪/୧୯ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ପୋଲିସ ପ୍ରକାଶ କରିଛି।

### ଟ୍ରାକ୍ଟରରୁ ପଡ଼ି ଶ୍ରମିକ ମୃତ

ଚନ୍ଦାହାଣ୍ଡି, ୮।୧୨(ଡି.ଏନ୍.ଏ.): ରବିବାର ସନ୍ଧ୍ୟାରେ ଚନ୍ଦାହାଣ୍ଡି ଥାନା ଅଧୀନ ଲାଙ୍ଗପଡା ଗାଁର ରାମହରି ସୁନ୍ଦୁର(୨୩) ଏକ ଟ୍ରାକ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ପ୍ରକାଶ ଯେ, ରାମହରି ଏକ ଟ୍ରାକ୍ଟରରେ ଶ୍ରମିକଭାବେ କାମ କରନ୍ତି। ରବିବାର ଉକ୍ତ ଟ୍ରାକ୍ଟର ବାଲି ବୋଝେଇ କରି ଗଲାବେଳେ ଡ୍ରାଇଭର ଦୁର୍ଘଟଣା ସ୍ଥଳରେ ଥିବା ହମ୍ପ୍‌ସ ପାଖରେ ବ୍ରେକ ଦେଇଥିଲେ। ଏଥିରେ ରାମହରି ତଳେ ଛିଟିକି ପଡି ପ୍ରାଣ ହରାଇଥିଲେ। ଖବରପାଇ ଚନ୍ଦାହାଣ୍ଡି ଥାନାଧିକାରୀ ଅଭୟ ବେହେରାଙ୍କ ନେତୃତ୍ୱରେ କେତେଜଣ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଏ ନେଇ ଚନ୍ଦାହାଣ୍ଡି ଥାନାରେ ଏକ ମାମଲା ରୁଜୁ ହୋଇଛି। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ।

### ଭାଗବତ କଥା, ଜ୍ଞାନ ଯଜ୍ଞ ଉଦ୍‌ଯାପିତ



ଚନ୍ଦାହାଣ୍ଡି, ୮।୧୨(ଡି.ଏନ୍.ଏ.): ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମୋହରା ପଞ୍ଚାୟତ ଅଧୀନ ପୂଜାରୀଗୁଡ଼ା ଗ୍ରାମରେ ସପ୍ତାହ ବ୍ୟାପୀ ଚାଲିଥିବା ଶ୍ରୀମଦ୍ ଭାଗବତ କଥା ଓ ଜ୍ଞାନ ଯଜ୍ଞ ଉଦ୍‌ଯାପିତ ହୋଇଛି। ପ୍ରଥମ ଦିନରେ କୀର୍ତ୍ତନ କରାଯାଇ ବିଭିନ୍ନ ଗାଁ ପରିକ୍ରମା କରାଯିବା ସହ ଦେବଦେବୀଙ୍କୁ ଆହ୍ୱାନ ଓ ଭାଗବତ ପୂଜା କରାଯାଇଥିଲା। ପ୍ରତ୍ୟହ ସକାଳୁ ସୂର୍ଯ୍ୟପୂଜା, ମାତୃପୂଜା, ସାମୁହିକ ଭାଗବତ ପାଠ, ଅନ୍ନ ଓ ଘୃତଯଜ୍ଞ କରାଯାଇଥିଲା। ବ୍ରହ୍ମଚାରୀ ଚୈତନ୍ୟ ଓ ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ ଭାଗବତ ପାଠ କରିଥିଲେ। ହଜାର ହଜାର ଶ୍ରଦ୍ଧାଳୁ ଏହାକୁ ଶୁଣିଥିଲେ। ଭାଗବତ ଟୁଙ୍ଗି ସଦସ୍ୟ ଓ ଗ୍ରାମବାସୀଙ୍କୁ ନେଇ ଭାଗବତ ଆଲୋଚନା କରାଯାଇଥିଲା। ଶେଷ ଦିନରେ ସମସ୍ତଙ୍କୁ ପୌରାଣିକ ପୁସ୍ତକ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମଟି ଜଗନ୍ନାଥ ସେବା ସମିତି, ଜମାଦାରପଡା ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ଏହାକୁ ସଂଘର ରମେଶ ଚୌହାନ ଓ ଜଗନ୍ନାଥ ଶତପଥୀ ପରିଚାଳନା କରିଥିଲେ। ପୁଜାରୀଗୁଡ଼ା ରାଧାକୃଷ୍ଣ ଭାଗବତ ଟୁଙ୍ଗି କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।

■ ମିଲରଙ୍କୁ ମାଡ଼ ଘଟଣା

# ମଣ୍ଡିରୁ ଉଠିଲା ନାହିଁ ଧାନ

■ ଲ୍ୟାମ୍ପ୍‌ସ, ଆର୍‌ଏମ୍‌ସି ଭୁଲ ଲାଗି ଚାଷୀଙ୍କ ଟାର୍ଗେଟ ହେଉଛନ୍ତି ମିଲ୍ ମାଲିକ

ନବରଙ୍ଗପୁର/ତେନ୍ତୁଳିଖୁଣ୍ଟି, ୮।୧୨(ବି.ପ୍ର./ଡି.ଏନ୍.ଏ.)

ତେନ୍ତୁଳିଖୁଣ୍ଟି ବ୍ଲକ ଅଧୀନ ଅଞ୍ଚଳଗୁମ୍ମାସ୍ଥିତ ଧାନମଣ୍ଡିରେ ଧାନ ଓଜନ କରିବାକୁ ନେଇ ଶନିବାର ଜଣେ ମିଲରଙ୍କୁ ଚାଷୀ ଓ ତାଙ୍କ ପୁଅ ମାଡ଼ ମାରିଥିଲେ। ଏ ନେଇ ମିଲର ଜଣଙ୍କ ଚାଷୀ ଓ ତାଙ୍କ ପୁଅଙ୍କ ବିରୋଧରେ ତେନ୍ତୁଳିଖୁଣ୍ଟି ଥାନାରେ ଅଭିଯୋଗ କରିଛନ୍ତି। ଏଣେ ଏହାକୁ ବିରୋଧ କରି ରବିବାର ମିଲ ମାଲିକ ସଂଘ ଜିଲାର କୌଣସି ମଣ୍ଡିରୁ ଧାନ ଉଠାଇ ନାହାନ୍ତି। ମଣ୍ଡିରୁ ଧାନ ଉଠାଯିବ କି ନାହିଁ ସୋମବାର ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

ସୂଚନାନୁଯାୟୀ, ମଣ୍ଡିରେ ଧାନ ଓଜନ କରିବାକୁ ନେଇ ଚିତ୍ରକୋଟ ଗାଁର ଚାଷୀ ଶଶିଭୂଷଣ ବିଷୋୟୀଙ୍କର ମହାଲକ୍ଷ୍ମୀ ରାଇସ୍ ମିଲ୍ ମାଲିକ ଡ. ପରମେଶ୍ୱର ଗୁପ୍ତାଙ୍କ ସହ ଗଣ୍ଡଗୋଳ ହୋଇଥିଲା। ଏହାପରେ ତାଙ୍କ ପୁଅ ବିରଞ୍ଚି କିଛି ଲୋକଙ୍କ ସହ ସେଠାରେ ପହଞ୍ଚି ପରମେଶ୍ୱରଙ୍କୁ ମାଡ ମାରିଥିଲେ। ଏ ନେଇ ତେନ୍ତୁଳିଖୁଣ୍ଟି ଥାନାରେ ପରମେଶ୍ୱର ଶଶିଭୂଷଣ ଓ ବିରଞ୍ଚିଙ୍କ ନାମରେ ଏତଲା ଦେଇଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ୧୪୧/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏସ୍‌ଆଇ ରଞ୍ଜିତ କୁମାର ଭୋଇ ଘଟଣାର ତଦନ୍ତ କରୁଛନ୍ତି। ଅଭିଯୁକ୍ତ ଦ୍ୱୟ ଫେରାର ଥିବା ଥାନାଧିକାରୀ ପରମାନନ୍ଦ ସୁନାନୀ ସୂଚନା ଦେଇଛନ୍ତି। ଜିଲା ମିଲ ମାଲିକ ସଂଘ ସଭାପତି ତାପସ ତ୍ରିପାଠୀ, ଉପସଭାପତି ଚିନ୍ନା ରେଡ୍ଡୀ, ରାମା ରାଓ, ପପୁ ଅଗ୍ରୱାଲଙ୍କ ସମେତ ଉମରକୋଟର ମିଲର୍ସମାନେ ଅଭିଯୁକ୍ତଙ୍କୁ ଧରିବାକୁ ଥାନାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଘଟଣାକୁ ବିରୋଧ କରି ନବରଙ୍ଗପୁର ମିଲର୍ସ ସଂଘ ଜିଲାର କୌଣସି ମଣ୍ଡିରୁ ଧାନ ଉଠାଇବେ ନାହିଁ ବୋଲି ମନା କରିଛନ୍ତି। ମାଲିକମାନଙ୍କ ଏହି ନିଷ୍ପତ୍ତି ପରେ ଜିଲା ଯୋଗାଣ ଅଧିକାରୀ ପ୍ରଶାନ୍ତ କୁମାର ବେବର୍ତ୍ତା, ଅତିରିକ୍ତ ଯୋଗାଣ ଅଧିକାରୀ ମନୋଜ ଦାଶ, ଦୁର୍ଗା ମାଝି ପ୍ରମୁଖ ତେନ୍ତୁଳିଖୁଣ୍ଟି ଥାନାଧିକାରୀଙ୍କ ସହ ଆଲୋଚନା କରିବା ପରେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ପ୍ରତଶ୍ରୁତି ଦେଇଛନ୍ତି। ରବିବାର ତେନ୍ତୁଳିଖୁଣ୍ଟିର ପୂଜାରୀଗୁଡାରେ ଧାନ ମଣ୍ଡି ରହିଥିଲା। ତେବେ ମିଲ ମାଲିକମାନେ ପୂଜାରୀଗୁଡ଼ା ସମେତ ଜିଲାର କୌଣସି ବି ମଣ୍ଡିରୁ ଧାନ ଉଠାଇ ନ ଥିଲେ। ଯୋଗାଣ ଅଧିକାରୀ ମିଲର୍ସମାନଙ୍କୁ ଧାନ ଉଠାଇବା ପାଇଁ ଅନୁରୋଧ କରିଥିଲେ ମଧ ସେମାନେ ରାଜି ହୋଇ ନ ଥିଲେ। ଏ ନେଇ ସଂଘ ଆଲୋଚନା କରି ସୋମବାର ନିଷ୍ପତ୍ତି ନେବ ବୋଲି କହିଛି। ପ୍ରକାଶ ଯେ, ମଣ୍ଡି ପରିଚାଳନା ପାଇଁ ଆର୍‌ଏମ୍‌ସି ଓଜନ ମାପ ଯନ୍ତ୍ର, ଚାଷୀଙ୍କ ପାଇଁ ପିଇବା ପାଣି, ଚେୟାର, ଟେବୁଲ, ସିସି କ୍ୟାମେରା, ଟେଣ୍ଟ ଓ ଟାରପଲିନ ଆଦି ଯୋଗାଇବ। ଲ୍ୟାମ୍ପ୍‌ସ ଚାଷୀଙ୍କ ଠାରୁ ଧାନ କିଣିବ। କେଉଁ ମିଲର୍ସ ଉକ୍ତ ମଣ୍ଡିରୁ ଧାନ ଉଠାଇବ ତାହାର ଚିଠା ଯୋଗାଣ ବିଭାଗ ପକ୍ଷରୁ ଲ୍ୟାମ୍ପ୍‌ସକୁ ଦିଆଯାଇଥାଏ। ମଣ୍ଡି ମାନଙ୍କରେ ଓଜନ ମାପ ଯନ୍ତ୍ର ପର୍ଯ୍ୟାପ୍ତ ପରିମାଣରେ ନ ଥିବା ଯୋଗୁ ଚାଷୀ ଧାନ ଆଣି ମଣ୍ଡିରେ ହଟହଟା ହେଉଛନ୍ତି। ଚାଷୀ ମଣ୍ଡିକୁ ଆସି ବହୁ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଲ୍ୟାମ୍ପ୍‌ସ କିମ୍ବା ଆରଏମସି କର୍ମଚାରୀ ସରକାର ତଥା ଜିଲା ପ୍ରଶାସନର ନିର୍ଦ୍ଦେଶ ସତ୍ତ୍ୱେ ଚାଷୀଙ୍କ ପାଇଁ ସମସ୍ତ ସୁବିଧା କରୁନାହାନ୍ତି। ସରକାରଙ୍କ ଦ୍ୱାରା କରାଯାଇଥିବା ନିୟମାବଳୀ ପାଇଁ ଖର୍ଚ୍ଚ ହେବାକୁ ଥିବା ବ୍ୟାପକ ଅର୍ଥ ବାଟରେ ଚଳୁ ହେଉଛି। ମଣ୍ଡିରେ ଓଜନ ମାପ ଯନ୍ତ୍ର ଯଦି ଅଧିକ ପରିମାଣରେ ରହିଥାନ୍ତା, ତେବେ ଏଭଳି ପରିସ୍ଥିତି ଉପୁଜି ନ ଥାନ୍ତା ବୋଲି ଆଲୋଚନା ହେଉଛି। ଜିଲାସ୍ତରୀୟ ମଣ୍ଡି ପରିଚାଳନା ବୈଠକରେ ଜିଲାପାଳ ଆରଏମ୍‌ସି ସମ୍ପାଦକଙ୍କୁ ଅଧିକ ପରିମାଣର ଓଜନ ମାପ ଯନ୍ତ୍ର ଯୋଗାଇବା ପାଇଁ ତାଗିଦ୍ କରିଥିଲେ। ତଥାପି ମଣ୍ଡିରେ ଧାନ କିଣା ସମୟରେ ଚାଷୀଙ୍କୁ ଓଜନ ମାପ ଯନ୍ତ୍ର ମିଳିପାରୁ ନାହିଁ। ଏହା ଦ୍ୱାରା ଚାଷୀ ଓ ମିଲର୍ସଙ୍କ ମଧ୍ୟରେ ବିବାଦ ଦେଖାଦେଉଛି। ମିଲ ମାଲିକଙ୍କର କୌଣସି ଭୁଲ ନ ଥିବା ସତ୍ତ୍ୱେ ସେମାନେ ଚାଷୀଙ୍କଙ୍କ ଆକ୍ରୋଶର ଶିକାର ହେଉଛନ୍ତି।



ଜିଲା ଯୋଗାଣ ଅଧିକାରୀ ପୋଲିସ ସହ ଆଲୋଚନା କରୁଛନ୍ତି।

## ୨୦୦ବର୍ଷପାଇଁ 'ଅନନ୍ତକ୍ୟାଲେଣ୍ଡର' ପ୍ରସ୍ତୁତ କରିଛନ୍ତି ହରେକୃଷ୍ଣ

ଗୋଷାଣି,୮।୧୨



ଗଜପତି ଜିଲା ଗୋଷାଣୀ ବ୍ଲକ୍ ଅଧୀନ ମହାଦେବପୁର ଗ୍ରାମର ହରେକୃଷ୍ଣ ଜେନା ୨୦୦ବର୍ଷ ପାଇଁ ଅନନ୍ତ କ୍ୟାଲେଣ୍ଡର ପ୍ରସ୍ତୁତ କରିଛନ୍ତି। ଜୀବନରେ ବହୁ ଘାତ ପ୍ରତିଘାତ ଭିତରେ ଥାଇ ସେ ଏହାକୁ ପ୍ରସ୍ତୁତ କରିଥିବାବେଳେ ଏହା ସମସ୍ତଙ୍କ ପାଇଁ ଉପାଦେୟ ହେବ ବୋଲି ସେ ଆଶା ରଖିଛନ୍ତି।

ଶିକ୍ଷକତାକୁ ପେସା କରିଥିଲେ ମଧ ସେ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ। ୧୯୭୨ରେ ସେ ଗୁରାଣ୍ଡି ହାଇସ୍କୁଲରୁ କୃତିତ୍ୱର ସହ ମାଟ୍ରିକ୍ ପାସ୍ କରିଥିଲେ। ଏହାପରେ ରାୟଗଡ଼ା ଜିଲା ଗୁଣପୁରସ୍ଥିତ ଗୁରୁ ତାଲିମ କେନ୍ଦ୍ରରୁ ସିଟି ପାସ୍ କରିବା ପରେ ୧୯୭୫ ରେ ଶିକ୍ଷକତା ଆରମ୍ଭ କରିଥିଲେ। ୨୦୧୨ ରେ ସେ ଅବସର ନେଇଥିଲେ। ଚାକିରି ଆରମ୍ଭରୁ ହିଁ ବିଭିନ୍ନ ପତ୍ରପତ୍ରିକାରେ ତାଙ୍କର ବହୁ ଉପାଦେୟ ଲେଖାମାନ ପ୍ରକାଶ ପାଇଆସୁଛି। ଗଣିତ ଏବଂ ଇଂଲିଶ୍ ତାଙ୍କର ପସନ୍ଦର ବିଷୟ ହୋଇଥିବାବେଳେ ସେ ସେହି ବିଷୟରେ ଶିକ୍ଷାଦାନ କରୁଥିଲେ। ଏହା ବ୍ୟତୀତ ସେ ବିନା ଗୁରୁଙ୍କ ପାଥେୟରେ ଢୋଲକ ବାଦ୍ୟରେ ମଧ ପାରଦର୍ଶିତା ଲାଭ କରିଛନ୍ତି। ନିଜେ ଗୀତ ଗାଇବା ସହ ବାଦ୍ୟ ଯନ୍ତ୍ର ବଜାଇବାର ସ୍ୱତନ୍ତ୍ର କଳା ମଧ ତାଙ୍କ ନିକଟରେ ରହିଛି। ଗଣିତ ଶାସ୍ତ୍ରରେ ମଧ ନୂଆ ନୂଆ ସୂତ୍ର ବାହାର କରିଛନ୍ତି। ଏହା ବିଭିନ୍ନ ପତ୍ର ପତ୍ରିକାରେ ମଧ ପ୍ରକାଶ ପାଇଛି। ଇତିମଧ୍ୟରେ ଓଡ଼ିଶା ଗଣିତ ସଂସଦ ଭୁବନେଶ୍ୱରରୁ ପ୍ରକାଶିତ ଅଭିନବ ଗଣିତ ବିଚିତ୍ରାର ସେପ୍ଟେମ୍ବର-୨୦୧୯ ସଂଖ୍ୟାରେ ତାଙ୍କର ଏକ ଉପାଦେୟ ଲେଖା ପ୍ରକାଶ ପାଇଛି।

## ବିଜେଡିରେ ମିଶିଲେ ବିଭିନ୍ନ ଦଳର ନେତା, କର୍ମୀ



ବିଜେଡିରେ ମିଶିଥିବା ଅନ୍ୟ ଦଳର କର୍ମୀମାନେ।

ଉମରକୋଟ, ୮।୧୨ (ଡି.ଏନ୍.ଏ.)

ଉମରକୋଟ ବ୍ଲକ ସଭାପତି ମନୋଜ ଧଳଙ୍କ ସଭାପତିତ୍ୱରେ ଏକ ମିଶ୍ରଣ ପର୍ବ ଓ ସଭା କରାଯାଇଛି। ଏଥିରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭାଜପା ଛାଡି ବିଜେଡିରେ ଯୋଗ ଦେଇଥିବା ନେତାମାନଙ୍କୁ ଦଳରେ ସାମିଲ କରାଯାଇଥିଲା। ମିଶ୍ରଣ ପର୍ବରେ ବକୋଦା ସରପଞ୍ଚ ଲକ୍ଷ୍ମଣ ଭତ୍ରାଙ୍କ ନେତୃତ୍ୱରେ ୱାର୍ଡ ସଭ୍ୟ ଏବଂ ବିଭିନ୍ନ ପଦପଦବୀରେ ଥିବା ନେତା ଅନନ୍ତ ରାମ କଲାର, ରଘୁନାଥ କଲାର, ନରସିଂ ହରିଜନ, ଗୁରୁବାରୁ ହରିଜନ, ଭଗବାନ ଭତ୍ରା, ଘାସିଆ ଭତ୍ରା ପ୍ରମୁଖ ୨୨ ଜଣ ଭାଜପା ଛାଡି ବିଜେଡିରେ ମିଶିଥିଲେ। ସେହିଭଳି ଅଞ୍ଚଳା ସରପଞ୍ଚ ନିଳନ୍ଦ୍ରୀ ଭତ୍ରା, ବରିଷ୍ଠ କଂଗ୍ରେସ ନେତା ଅର୍ଜୁନ ଭତ୍ରା, ସରମାନ ସାନ୍ତା, ରୁକଧର ଭତ୍ରା, ସଦା ହରିଜନ, ମଣିରାମ ଭତ୍ରା (ୱାର୍ଡ ସଭ୍ୟ) ପ୍ରମୁଖ କଂଗ୍ରେସ ଛାଡି ବିଜେଡିରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ପର୍ବରେ ଜିଲା ସଂଯୋଜକ ପ୍ରମୋଦ ପାଢ଼ୀ, ବ୍ଲକ ଚେୟାରମ୍ୟାନ୍ ଲାଇବାନ୍ ଭକ୍ତ, ବୀରସିଙ୍ଗ ଗଣ୍ଡ, ଶୁକଦେବ ଗଣ୍ଡ, ବୁଜି ରାଓ, କାଲୁ ପଣ୍ଡା, ରମେଶ ଜେନା, ରମେଶ ସତନାମୀ, ପର୍ଶୁ ଭତ୍ରା, ପରେଶ ପୂଜାରୀ, ସାଧୁ ପୂଜାରୀ, ସଞ୍ଜୟ ଗୁପ୍ତା, ଟଙ୍କ ଗୌଡ, ଅକ୍ଷୟ ବିଷୋୟୀ, ବାପି ସିଲ, ବାସୁଦେବ ପୂଜାରୀ ପ୍ରମୁଖ ଯୋଗ ଦେଇଥିଲେ।

■ ମଣ୍ଡେଇ ଲୋକ ମହୋତ୍ସବ ମଞ୍ଚ ନାଟକ ଉଦ୍‌ଘାଟିତ

## ପ୍ରଥମ ଦିନରେ ମନମୋହିଲା ନାଟକ 'ଫାଶୀ'

ନବରଙ୍ଗପୁର,୮।୧୨(ବି.ପ୍ର.)

ନବରଙ୍ଗପୁରସ୍ଥିତ ଶାସ୍ତ୍ରୀ ଭବନରେ ଜିଲା ମଣ୍ଡେଇ ଲୋକ ମହୋତ୍ସବ ମଞ୍ଚ ନାଟକ ଉଦ୍‌ଘାଟିତ ହୋଇଛି। ଜିଲାପାଳ ଡ. ଅଜିତ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ନିମାଇଁ ଚରଣ ସୂତାର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ତେନ୍ତୁଳିଖୁଣ୍ଟି ବ୍ଲକ ଦ୍ୱାରା ପ୍ରାୟୋଜିତ ନାଟକ 'ଫାଶୀ' ମଞ୍ଚସ୍ଥ ହୋଇଥିଲା। ସାମ୍ପ୍ରତିକ ସମାଜରେ ଘଟୁଥିବା ଅନେକ ଅକୁହା କଥାକୁ ନେଇ ତ୍ରିଶକ୍ତି ସିନେ କମ୍ବେଇନ୍ସର ନାଟକ 'ଫାଶୀ' ମଞ୍ଚସ୍ଥ ହୋଇଥିଲା। ମନୋଜ କୁମାର ପଟ୍ଟନାୟକ ନିର୍ଦ୍ଦେଶନା ଦେଇଥିବାବେଳେ, ସଞ୍ଜୀବ ସିଂ ଏହାକୁ ରଚନା କରିଥିଲେ। ବେବୀ ରାଣୀ, ବିଷ୍ଣୁ ବିଷୋୟୀ, ପ୍ରକାଶ ଚନ୍ଦ୍ର ବାରିକ, ନିର୍ମଳ ସାହୁ, ଟଙ୍କ ଯାନୀ, ପାୟଲ ଓ ଯଶବନ୍ତ ସିଂ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ମୁରଲୀଧର ପଟ୍ଟନାୟକ ଓ କେ. ଶେଖର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। କୁମାର ସମର ଏଥିରେ କଣ୍ଠଦାନ କରିଥିଲେ। ନାଟକ ଦେଖିବା ପାଇଁ କଳାକାର ଓ କଳାପ୍ରେମୀଙ୍କ ଭିଡ ଜମିଥିଲା ।



ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

### ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମେଗା ରକ୍ତଦାନ ଶିବିର

ଝରିଗାଁ, ୮।୧୨(ସ୍ୱ.ପ୍ର)

ନବରଙ୍ଗପୁର ଜିଲା ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ରବିବାର ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୨୨୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ବିଡିଓ ଦେବେନ୍ଦ୍ର ବାହାଦୁରସିଂ ଧରୁଆ, ଥାନାଧିକାରୀ ନରେଶ କୁମାର ପ୍ରଧାନ, ବିଏସଏଫ୍ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସଞ୍ଜୟ ବିଷ୍ଣୁ, ମେଡିକାଲ ଭାରପ୍ରାପ୍ତ ଅଧିକାରୀ ସୋମା ଦାଶ, ଡାକ୍ତର ସ୍ମୃତି ମଧୁସିକ୍ତା, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପ୍ରିୟରଞ୍ଜନ ଦାସ, ଜିଲା ପରିଷଦ ସଭ୍ୟ ମୋହନ ନାୟକ, ସରପଞ୍ଚ ଅଗ୍ନି ପୂଜାରୀ ଉପସ୍ଥିତ ଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ମେଗା ରକ୍ତଦାନ ଶିବିରରେ ଜିଲା ସ୍ୱାସ୍ଥ୍ୟ ବିଭାଗର ଡିପିଏମ୍ ସୁଶାନ୍ତ କୁମାର ପ୍ରହରାଜ, ବ୍ଲଡ ବ୍ୟାଙ୍କ ଡାକ୍ତର ଦେବବ୍ରତ ଡାକୁଆ ଯୋଗ ଦେଇଥିଲେ।

## ରାଜସ୍ୱ ଅମଲା ସଂଘ ନିର୍ବାଚନ

ନବରଙ୍ଗପୁର,୮।୧୨(ବି.ପ୍ର.)

ଓଡିଶା ରାଜସ୍ୱ ଅମଲା ସଂଘ ନବରଙ୍ଗପୁର ଜିଲା ଶାଖା ସାଧାରଣ ନିର୍ବାଚନ ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଆଶୁତୋଷ ମହାନ୍ତି ସଭାପତି, ଧନୁର୍ଜୟ ମାଝି ଓ ଆକାଶ କୁମାର ଗଣ୍ଡ ଉପସଭାପତି ଭାବେ ନିର୍ବାଚିତ ହୋଇଥିଲେ। ତ୍ରିଲୋଚନ ନାୟକ ସମ୍ପାଦକ ଓ କୋଷାଧକ୍ଷ ଭାବେ ସୁଶାନ୍ତ ନାୟକ ନିର୍ବାଚିତ ହୋଇଛନ୍ତି। ପ୍ରମୋଦ କୁମାର ଚର୍ଚ୍ଚି ଓ ସନାତନ ପଟ୍ଟନାୟକ ନିର୍ବାଚନ ଅଧିକାରୀଙ୍କ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମରେ ସଂଘ ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ, ମାଲକାନଗିରି ସଭାପତି ପ୍ରଦୀପ ମିଶ୍ର, କୋରାପୁଟ ଜିଲା ସଭାପତି ମନୋଜ କୁମାର ବାରିକ, କିରାଣି କୈଳାସ ଦାଶ ଓ କେସବା ରେଡ୍ଡୀ ଯୋଗ ଦେଇଥିଲେ।

### ବନ୍ଧୁ ମିଳନ, ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ନବରଙ୍ଗପୁର,୮।୧୨(ବି.ପ୍ର.)

ନବରଙ୍ଗପୁର ଆରସିଡି ହାଇସ୍କୁଲର ୧୯୭୨ ମସିହା ମାଟ୍ରିକ୍ ବ୍ୟାଚ ଛାତ୍ରଙ୍କ ଏକ ବନ୍ଧୁ ମିଳନ ସ୍ଥାନୀୟ ଶ୍ରୀ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନବକିଶୋର ପଣ୍ଡା, ଗଙ୍ଗାଧର ପଣ୍ଡା, ମଦନ ମୋହନ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜି.ଇ. ରାଓ, ଗୁପ୍ତେଶ୍ୱର ରାଓ, ବି. ସାତ୍ୟମ୍, ସି.ଏଚ. ମୁରଲୀ ପ୍ରମୁଖ ପରିଚାଳନା କରିଥିଲେ। ସତ୍ୟପ୍ରୀୟ ଦାଶ, ପ୍ରଭାକର ପଟ୍ଟନାୟକ ଉପସ୍ଥିତ ଥିଲେ।

## ସ୍କାଉଟ୍ କାର୍ଯ୍ୟାଳୟ ପରିସରରେ ଚାରାରୋପଣ

ପାରଳାଖେମୁଣ୍ଡି, ୮।୧୨(ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ଜିଲା ସ୍କାଉଟ୍ କାର୍ଯ୍ୟାଳୟ ପକ୍ଷରୁ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଡିଇଓ ପ୍ରଦୀପ କୁମାର ନାଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାରାରୋପଣ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଦେବଦାରୁ, ଆମ୍ବ, ବଉଳ ଆଦି ବିଭିନ୍ନ ଚାରା ରୋପଣ କରାଯାଇଥିଲା। କାର୍ଯ୍ୟାଳୟ ଚତୁଃପାର୍ଶ୍ୱରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା। ପରିବେଶକୁ ସବୁଜ ଓ ସୁନ୍ଦର କରିବାକୁ ଏହି ଅବସରରେ ବାର୍ତ୍ତା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସୁରେନ୍ଦ୍ର କୁମାର ପାତ୍ର, ଶୁଭ୍ର ନାରାୟଣ ଦାସ, ତ୍ରିପତି ପ୍ରସାଦ ପଣ୍ଡା, ପ୍ରିୟଦର୍ଶୀ ମିଶ୍ର, ଜଙ୍ଗ ନାରାୟଣ ବେହେରା, ତପସ୍ୱିନି ପଣ୍ଡା, ଧୀରେନ୍ଦ୍ର ସାମଲ୍, କୁନ୍ତି ବିଶ୍ୱାଳ, ରେଖାରାଣୀ ଦେଓ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।



■ ଜିଲା ପରଜା ସମାଜ ବୈଠକ

## ପୌଷ ପୂର୍ଣ୍ଣିମାରେ ଭେଟ୍‌ଘାଟ୍ କରିବା ନେଇ ଆଲୋଚନା



ବୈଠକରେ ଉପସ୍ଥିତ ପରଜା ସମାଜର ସଦସ୍ୟମାନେ।

ପାପଡାହାଣ୍ଡି, ୮।୧୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଚୁଟିଆଗୁଡା ନାରଙ୍ଗୀ ଭବନରେ ରବିବାର ଜିଲା ପରଜା ସମାଜ ବୈଠକ ଅନୁଷ୍ଠିତ ହୋଇଛି। ସଂଘ ଉପସଭାପତି ଖଗପତି ଜାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପରଜା ସମାଜର ଶିକ୍ଷା, ସଂସ୍କୃତି, ନୀତି ନିୟମ ଉପରେ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ବ୍ଲକରେ ସମାଜର ପାଣ୍ଠି ସଂଗ୍ରହ ନେଇ ମତ ପ୍ରକାଶ ପାଇଥିଲା। ପୌଷ ପୂର୍ଣ୍ଣିମାରେ ଭେଟ୍‌ଘାଟ୍ କରିବା ନେଇ ଏଥିରେ ଆଲୋଚନା ହୋଇଥିଲା। ବୈଠକରେ ଜିଲା ସଭାପତି ଧନୁର୍ଜୟ ଯାନି, ସହଦେବ ଯାନୀ, ସଦାଶିବ ଯାନୀ, ନରସିଂହ ଯାନୀ, ଫୁଲସିଂ ଯାନୀ, ଡମ୍ବରୁଧର ମୁଦୁଲି, ପନକୁ ନାୟକଙ୍କ ସହ ୧୦ ବ୍ଲକର ସଭାପତି ଏବଂ କର୍ମଚାରୀ ଯୋଗ ଦେଇଥିଲେ। ଆଗାମୀ ଦିନରେ ପ୍ରତ୍ୟେକ ବ୍ଲକରେ ସମାଜର ବୈଠକ କରିବା ଲାଗି ଆଲୋଚନା ହୋଇଛି।

# ଶରଧାପୁର୍ କ୍ରିକେଟ୍ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

ଚନ୍ଦାହାଣ୍ଡି, ୮।୧୨(ଡି.ଏନ୍.ଏ.)

ଚନ୍ଦାହାଣ୍ଡି ବ୍ଲକ ଅଧୀନ ଶରଧାପୁର କ୍ରିକେଟ କ୍ଲବ ଆନୁକୂଲ୍ୟରେ ବ୍ଲକସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଆରମ୍ଭ ହୋଇଛି। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ଶରଧାପୁର ସରପଞ୍ଚ ଗୋବିନ୍ଦ ପୂଜାରୀ, ସମିତିସଭ୍ୟା ସୁକାନ୍ତି ଗୋପାଳ, ଧନୁ ନାୟକ, ମାର୍କଣ୍ଡ ପୂଜାରୀ, ଦଶରଥ ଧାରୁଆ, ହର ପୂଜାରୀ, ଯୁବରାଜ ଜଗତ ଓ କମଳ ଲୋଚନ ମାଝି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ଅନକାବେଡା ଓ ଝରାବାହାଲ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୧୨ ଓଭର ବିଶିଷ୍ଟ ମ୍ୟାଚରେ ଅନକାବେଡ଼ା ଦଳ ପ୍ରଥମେ ବ୍ୟାଟିଂ କରି ୧୬୧ ରନ୍ ସଂଗ୍ରହ କରିଥିବାବେଳେ ଝରାବହାଲ ମାତ୍ର ୮୯ ରନ୍ ସଂଗ୍ରହ କରିପାରିଥିଲେ। ଅନକାବେଡା ଦଳ ପକ୍ଷରୁ ସର୍ବାଧିକ ୪୨ରନ କରିଥିବା ତପନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ ମାଲିବାରୀ ଏବଂ ଦଣ୍ଡାମୁଣ୍ଡା ମଧ୍ୟରେ ଖେଳାଯାଇଥିଲା। ମାଲିବାରୀ ଟସ୍ ଜିଣି ନିର୍ଦ୍ଧାରିତ ୧୨ ଓଭରରେ ୧୦୪ ରନ କରିଥିବାବେଳେ ଦଣ୍ଡାମୁଣ୍ଡା ମାତ୍ର ୯ ଓଭରରେ ଲକ୍ଷ୍ୟ ହାସଲ କରି ବିଜୟୀ ହୋଇଥିଲା। ଦଣ୍ଡାମୁଣ୍ଡା ଟିମ୍ ପକ୍ଷରୁ ସର୍ବାଧିକ ୩୯ରନ କରିଥିବା ରବୀନ୍ଦ୍ରଙ୍କୁ ଅତିଥି ତୁଳାରାମ ବିଶି ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ।



ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଅନ୍ୟମାନେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ସୋମବାର, ଡିସେମ୍ବର ୯/୨୦୧୯ Rayagada, Monday, December 9/ 2019




# କଟୁଆପଦର: ମୌଳିକ ସୁବିଧା ଅପହଞ୍ଚ


କଟୁଆପଦରକୁ ଯାଇଥିବା ରାସ୍ତା।


ଗ୍ରାମବାସୀ ଝରଣାରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି।

**ମାଲକାନଗିରି, ୮।୧୨(ଡି.ଏନ୍.ଏ.)**

କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ବହୁ ଅର୍ଥ ଖର୍ଚ୍ଚ କରୁଛନ୍ତି । ମାତ୍ର ସରକାରଙ୍କ ଦୃଷ୍ଟି ଆଢୁଆଳରେ ଏପରି ଅନେକ ଗ୍ରାମ ରହିଛି, ଯେଉଁଠି ଗ୍ରାମବାସୀ ଏଯାଏ ସେମାନଙ୍କ ମୌଳିକ ସୁବିଧା ସୁଯୋଗ ପାଇନାହାନ୍ତି। ସେମାନଙ୍କ ପାଇଁ ସବୁ ସରକାରୀ ଯୋଜନା ହୋଇଛି ଅପହଞ୍ଚ। ଏଭଳି ଏକ ଗ୍ରାମ ହେଉଛି ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ କର୍ତ୍ତନପାଲି ପଞ୍ଚାୟତର କଟୁଆପଦର ଗ୍ରାମ । ଏହି ଗ୍ରାମର ଗ୍ରାମବାସୀ ବିକାଶଠାରୁ ରହିଛନ୍ତି ଅନେକ ଦୂରରେ। ଗ୍ରାମରେ ରାସ୍ତା, ଆବାସ ଯୋଜନା, ଅଙ୍ଗନୱାଡ଼ି, ବିଦ୍ୟାଳୟ, ବିଦ୍ୟୁତ୍, ପାନୀୟଜଳ, ସ୍ୱାସ୍ଥ୍ୟସେବା ଭଳି ମୌଳିକ ସୁବିଧା ପହଞ୍ଚି ପାରିନାହିଁ । ଗ୍ରାମରେ ୨୯ଟି ଆଦିବାସୀ ପରିବାର ବସବାସ କରୁଛନ୍ତି। ଗ୍ରାମକୁ ଯିବାକୁ ହେଲେ ୩ଟି ପର୍ବତ ଡେଇଁ ପ୍ରାୟ ୧୫ କିଲୋମିଟର ଚାଲି ଚାଲି ଯିବାକୁ ପଡେ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଭଳି ଅନେକ ମୌଳିକ ସୁବିଧା ଗ୍ରାମବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଛି। ପାନୀୟ ଜଳ ପାଇଁ ଗ୍ରାମରେ ନଳକୂପଟିଏ ନାହିଁ। ଝରଣା ପାଣି ଗ୍ରାମବାସୀଙ୍କ ଭରସା। ଦେହ ଖରାପ ହେଲେ ସ୍ୱାସ୍ଥ୍ୟସେବା ପାଇବା ଏଠି କଷ୍ଟକର। ଗ୍ରାମରେ ପକ୍କା ସଡକ ତ ଦୂରର କଥା, ପକ୍କା ଘରଟିଏ ମଧ୍ୟ ନାହିଁ । ଗ୍ରାମର ୩୭ ଜଣ ଶିଶୁ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଥିଲେ। ମାତ୍ର ଗତ ୬ ବର୍ଷ ହେଲା ବିଦ୍ୟାଳୟ ଗୃହ ଭାଙ୍ଗିଯିବାରୁ ସେବେଠାରୁ ଏମାନେ ବିଦ୍ୟାଳୟକୁ ଯାଉନାହାନ୍ତି। ଲୋକ ପ୍ରତିନିଧିଙ୍କୁ କେବେ ଗ୍ରାମରେ ଦେଖିବାକୁ ମିଳେନାହିଁ। ସରକାରୀ ଅଧିକାରୀଙ୍କ ମଧ୍ୟ ଗ୍ରାମରେ ପାଦ ପଡେନାହିଁ। କେବଳ ସରକାରୀ ସୁବିଧା ରୂପେ ଗ୍ରାମର ସମସ୍ତଙ୍କୁ ମିଳିଛି ରାଶନ କାର୍ଡ। ରାଶନ ସାମଗ୍ରୀ ଆଣିବାକୁ ହେଲେ ପଞ୍ଚାୟତକୁ ସେମାନେ ୩ଟି ପାହାଡ଼ ଦେଇ ଯାଇଥାନ୍ତି ବୋଲି ଗ୍ରାମର ଅର୍ଜୁନ ଦୁରୁଆ, ସୁକୁ ଦୁରୁଆ, ସନୁ କବାସୀ, ଆମସୁ ଦୁରୁଆ ପ୍ରମୁଖ କହିଛନ୍ତି। ଗ୍ରାମବାସୀ ହାଟ, ବ୍ଲକ ଓ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ବହୁ କଷ୍ଟ ସ୍ୱୀକାର କରନ୍ତି। ଏନେଇ ମାଥିଲି ବିଡିଓ ଆଶିଷ କୁମାର ଭୋଇଙ୍କୁ ପଚାରିବାକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ । ଏ ସମ୍ପର୍କରେ ଜିଲା ପରିଷଦ ସଭ୍ୟ ବାଲାରାଜୁ କପେଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏହି ଗ୍ରାମ ବିଷୟରେ ମୁଁ ଅବଗତ ଅଛି। ସେଠାରେ କୌଣସି ବିକାଶମୂଳକ କାର୍ଯ୍ୟ ହୋଇପାରିନାହିଁ। ଏ ନେଇ ବ୍ଲକ ଓ ଜିଲା ପ୍ରଶାସନ ସହ ଆଲୋଚନା କରି ଅଞ୍ଚଳବାସୀଙ୍କୁ ସମସ୍ତ ମୌଳିକ ସୁବିଧା ଯୋଗାଇ ଦେବାର ବ୍ୟବସ୍ଥା କରିବି। ଏନେଇ ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି କହିଛନ୍ତି, ମାଲକାନଗିରି ଜିଲାରେ କେବଳ କଟୁଆପଦର ନୁହେଁ, ଏପରି ଅନେକ ଆଭ୍ୟନ୍ତରୀଣ ଅଞ୍ଚଳ ରହିଛି ଯେଉଁଠି ସରକାରୀ ଯୋଜନା ଅପହଞ୍ଚ ହୋଇ ରହିଛି।

# ଚିତ୍ରକୋଣ୍ଡା: ବୃତ୍ତି ପାଇଁ ୩ ଛାତ୍ରୀଛାତ୍ର ମନୋନୀତ

**ଚିତ୍ରକୋଣ୍ଡା,୮।୧୨(ଡି.ଏନ.ଏ.)**

ଚିତ୍ରକୋଣ୍ଡା ସହରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩ଜଣ ଛାତ୍ରୀଛାତ୍ର ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନେ ହେଲେ ତୃତୀୟ ଶ୍ରେଣୀ ଛାତ୍ର ସୌମ୍ୟ ପ୍ରସାଦ ପାଢୀ, ପଞ୍ଚମ ଶ୍ରେଣୀର ଶୁଭଙ୍କର ରାୟ ଓ ଅଙ୍କିତା ମହାପାତ୍ର। ପ୍ରତିବର୍ଷ ଉକ୍ତ ବିଦ୍ୟାଳୟ ଛାତ୍ରୀଛାତ୍ର ବୃତ୍ତି, ମେଧା ବୃତ୍ତି ପାଇବା ସହ ନବୋଦୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଚୟନ ପ୍ରକ୍ରିୟା ପରୀକ୍ଷାରେ ଉତୀର୍ଣ୍ଣ ହେଉଛନ୍ତି ବୋଲି ପ୍ରଧାନ ଆଚାର୍ଯ୍ୟ ବାନାମ୍ବର ପ୍ରଧାନ କହିଛନ୍ତି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

